ଶନିବାର, ୧ ଅକ୍ଟୋବର, ୨୦୨୨

# ପିଲାଙ୍କ ଧରିତ୍ରୀ





# ଖିଲି ଖିଲି ହସ

ଚିଣ୍ଟୁ କହିଲା ଟିଙ୍କୁକୁ, ଆରେ ସାଙ୍ଗ କହିଲୁ ଚାଉଳରୁ କେମିତି ବରଫ ପ୍ରସ୍ତୁତ କରିବା।
**ଟିଙ୍କୁ:** ମୋତେ ଜଣା ନାହିଁ।
**ଚିଣ୍ଟୁ:** ଆରେ ରାଇସ୍‌ରୁ(Rice) ଆର୍ କାଢ଼ିଦେଲେ ହୋଇଗଲା ନା ଆଇସ୍ (Ice)।

**(ପିଣ୍ଟୁ ଓ ମଣ୍ଟୁ ମଧ୍ୟରେ କଥାବାର୍ତ୍ତା)**
**ମଣ୍ଟୁ:** କହିଲୁ ପିଣ୍ଟୁ, ଜେଲ୍‌କୁ ହିନ୍ଦୀରେ କାହିଁକି ହାବାଲାତ୍ କୁହାଯାଏ।
**ପିଣ୍ଟୁ:** ବହୁତ ସହଜ। କାରଣ ସେଠି କେବଳ ହାବା ଏବଂ ଲାତ୍ ମିଳିଥାଏ।

ଅମୂଲ୍ୟବାବୁ ତାଙ୍କ ଘରେ କାମ କରୁଥିବା ରାମୁକୁ ପଚାରିଲେ- ରାମୁ, କହିଲୁ ଘଣ୍ଟାରେ କେତେଟା ସମୟ ହେଲାଣି ?
**ରାମୁ:** ଆଜ୍ଞା, ମୋତେ ଘଣ୍ଟା ଚିହ୍ନି ଆସେନି ।
**ଅମୂଲ୍ୟବାବୁ:** ଆଚ୍ଛା କହିଲୁ, ଘଣ୍ଟା ଭିତରେ ଥିବା ଦୁଇଟାଯାକ କଣ୍ଟା କେଉଁଠି ଅଛନ୍ତି ?
**ରାମୁ:** ଆଜ୍ଞା, ଦୁଇଟିଯାକ କଣ୍ଟା ଘଣ୍ଟା ଭିତରେ ଅଛନ୍ତି !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଆସିଛି ଦୁର୍ଗାପୂଜା

**ଗପ**

କରୋନା ମହାମାରୀ ପାଇଁ ଦୁଇବର୍ଷ ହେଲା ଦୁର୍ଗାପୂଜାର ମଜା ମିଳିନି। କିନ୍ତୁ ଏ ବର୍ଷ ପରିସ୍ଥିତି ବଦଳିଛି। ଏଥିପାଇଁ ସବୁଆଡ଼େ ଜୋର୍‌ଦାର ପ୍ରସ୍ତୁତି ହୋଇଛି। ତେବେ ଭାରତରେ ଦୁର୍ଗାପୂଜା କେବଳ ଏକ ସାଂସ୍କୃତିକ ଉତ୍ସବ ନୁହେଁ, ଏହାର ପୌରାଣିକ ମହତ୍ତ୍ୱ ବି ଅଛି।

ପୁରାଣ କଥା ଅନୁସାରେ ରାକ୍ଷସ ମହିଷାସୁର ବହୁବର୍ଷ ତପସ୍ୟା କରି ବ୍ରହ୍ମାଙ୍କଠାରୁ ବର ପ୍ରାପ୍ତ କରିଥିଲା। କିନ୍ତୁ ତା'ର ମୃତ୍ୟୁ ଜଣେ ନାରୀ ହାତରେ ହେବ ବୋଲି ବ୍ରହ୍ମା ଜଣାଇଲେ। ବରଦାନ ପ୍ରାପ୍ତ କରି ମହିଷାସୁର ଭାବିଲା, କୌଣସି ନାରୀ ନିକଟରେ ଏତେ ଶକ୍ତି ନାହିଁ ଯେ ତା ସହିତ ଯୁଦ୍ଧ କରି ତାକୁ ମାରିପାରିବ। ଏହି ବିଶ୍ୱାସରେ ଗର୍ବରେ ଅନ୍ଧ ହୋଇ ସେ ଅସୁର ସେନାଙ୍କୁ ନେଇ ଦେବତାଙ୍କ ସହ ଯୁଦ୍ଧ ଆରମ୍ଭ କରିଦେଲା। ଦେବତା ଓ ରାକ୍ଷସଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା। ଶେଷରେ ଦେବତାମାନେ ପରାଜିତ ହୋଇ ସାହାଯ୍ୟ ନିମନ୍ତେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଶରଣକୁ ଗଲେ। ଦେବତାଙ୍କର ଆକୁଳ ପ୍ରାର୍ଥନା ଶୁଣି ତ୍ରିଦେବ ନିଜର ଶକ୍ତିକୁ ଏକତ୍ର କରି ଦେବୀ ଦୁର୍ଗାଙ୍କୁ ଜନ୍ମ ଦେଲେ। ତ୍ରିଦେବଙ୍କ ଶକ୍ତିରୁ ଜନ୍ମିତ ମା' ଦୁର୍ଗା ଅପାର ଶକ୍ତିର ଅଧିକାରୀ ହୋଇ ରାକ୍ଷସ ମହିଷାସୁର ସହିତ ଯୁଦ୍ଧ କରି ତାକୁ ବଧ କଲେ। ମହିଷାସୁର ରାକ୍ଷସ ସହ ଯୁଦ୍ଧ କରି ଦେବୀ ଦୁର୍ଗା ତାକୁ ବଧ କରିଥିଲେ। ଏହି ପୌରାଣିକ କଥା ଅନୁସାରେ ସବୁଆଡ଼େ ଦଶହରା ବା ଦୁର୍ଗାପୂଜା ପାଳନ ହୋଇଥାଏ। ଅଶୁଭ ଉପରେ ଶୁଭର ବିଜୟ ହୋଇଥିବାରୁ ଏହି ପୂଜାକୁ ମଧ୍ୟ ବିଜୟାଦଶମୀ କୁହାଯାଏ।




ଆମ ଦେଶର ଆସାମ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ମଣିପୁର, ତ୍ରିପୁରା ଏବଂ ପଶ୍ଚିମବଙ୍ଗରେ ଦଶହରାକୁ ବେଶ୍ ଧୁମଧାମରେ ପାଳନ କରାଯାଏ। ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରାରେ ଦୁର୍ଗାପୂଜାକୁ ବର୍ଷର ସବୁଠୁ ବଡ଼ ଉତ୍ସବର ମାନ୍ୟତା ଦିଆଯାଇଛି। ପୂର୍ବ ଭାରତ ବ୍ୟତୀତ ଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, ଗୁଜରାଟ, କଶ୍ମୀର, ଆନ୍ଧ୍ରପ୍ରଦେଶ, କର୍ନାଟକ ଏବଂ କେରଳରେ ମଧ୍ୟ ଦୁର୍ଗାପୂଜା ପାଳନ କରାଯାଏ। ଏହାଛଡ଼ା ବିଭିନ୍ନ ପ୍ରବାସୀ ସଙ୍ଗଠନ ଦେଶ ବାହାରେ ମଧ୍ୟ ଦୁର୍ଗାପୂଜା ପାଳନ କରୁଛନ୍ତି।

ଦୁର୍ଗାପୂଜା ହିନ୍ଦୁମାନଙ୍କର ଏକ ପବିତ୍ର ପର୍ବ। ଏମିତି ବି ଦୁର୍ଗାପୂଜା ବିଭିନ୍ନ ପ୍ରାନ୍ତରେ ପାଳନ କରାଯାଏ, କିନ୍ତୁ ପଶ୍ଚିମବଙ୍ଗରେ ହେଉଥିବା ଦୁର୍ଗାପୂଜାର ମଜା ନିଆରା। ଏଠାରେ ଅନେକ ପ୍ରକାର କାରୁକାର୍ଯ୍ୟରେ ନିର୍ମିତ ପୂଜା ପେଣ୍ଡାଲ ଦେଶ ବିଦେଶର ବହୁ ଲୋକଙ୍କୁ ଆକୃଷ୍ଟ କରିଥାଏ। ଏହି ଉତ୍ସବ ବଙ୍ଗାଳିମାନଙ୍କର ସବୁଠୁ ବଡ଼ ଉତ୍ସବ, ଏଥିପାଇଁ ଘରେ ଘରେ ଲୋକେ ପୂଜା ପାଇଁ ସ୍ୱତନ୍ତ୍ର ଆୟୋଜନ କରିଥାନ୍ତି। ବିଶେଷକରି ଷଷ୍ଠୀରୁ ଦଶହରା ଯାଏ ପାଳିତ ହେଉଥିବା ଏହି ଉତ୍ସବ ପାଳନ ନିମନ୍ତେ ସେମାନେ ଗୋଟେ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି।

**-ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪, ସଲ୍‌ଟଲେକ,କଲିକତା
ମୋ: ୯୮୮୧୩୭୩୫୧୨

## ରଙ୍ଗ ଦିଅ



## ଓଡ଼ିଶାର ବିଭିନ୍ନ ଶକ୍ତିପୀଠ

ପୁରୀ..................ବିମଳା
କାକଟପୁର............ମଙ୍ଗଳା
ଝଙ୍କଡ଼.................ଶାରଳା
ଯାଜପୁର..............ବିରଜା
ବାଙ୍କୀ.................ଚର୍ଚ୍ଚିକା
ସମ୍ବଲପୁର............ସମଲେଇ
ତାଳଚେର.............ହିଙ୍ଗୁଳା
କଟକ.................କଟକଚଣ୍ଡୀ
ଚିଲିକା...............କାଳିଜାଈ
ଘଟଗାଁ...............ତାରିଣୀ



## ମତାମତ

▶▶ ପ୍ରଚ୍ଛଦ ବିଷୟ ହୋମ୍‌ୱର୍କରେ ପିଲାଙ୍କର ପାଠପଢ଼ା ପାଇଁ ନିଷ୍ଠା ଓ ପରିଶ୍ରମ ଦେଖି ଖୁସି ଲାଗିଲା। ପିଲାଏ ପାଠକୁ ନ ଡରି ସହଜ ଭାବିବା ଉଚିତ।

**-ଅଙ୍କିତା ଦାସ,** ଗୌତମନଗର, ଭୁବନେଶ୍ୱର

▶▶ ଗଳ୍ପ ସ୍ତମ୍ଭରେ ପ୍ରକାଶିତ ଗୁଗୁନର ଗୁହାରି ଗପଟି ପଢ଼ି ବେଶ୍ ଖୁସି ଲାଗିଲା।

**-ସୌମ୍ୟରଞ୍ଜନ ପଣ୍ଡା,** କ୍ରିଦାଶପୁର, ନୟାଗଡ଼

▶▶ କବିତା ସ୍ତମ୍ଭରେ ପ୍ରକାଶ ପାଇଥିବା 'ମହାମହିମ ରାଷ୍ଟ୍ରପତି' ବେଶ୍ ମନଛୁଆଁ ହୋଇଛି।

**-ସ୍ୱାତୀ ମହାପାତ୍ର,** ଟାଙ୍ଗୀ, କଟକ

▶▶ ଜଣା ଅଜଣା ସ୍ତମ୍ଭରୁ ବହୁତ କିଛି ଜାଣିବାକୁ ମିଳୁଛି।

**-ସାର୍ଥକ ରାୟ,** ଗୋବିନ୍ଦପୁର, ଗଞ୍ଜାମ

▶▶ ଖିଲିଖିଲି ହସ ପଢ଼ିବାକୁ ମଜା ଲାଗୁଛି।

**-ମନୋଜ ପାଢ଼ୀ,** ବିଜିଗୋଳ, ଅନୁଗୋଳ

## ଗତ ଥରର ରଙ୍ଗ ଦିଅ





ଆଦିତ୍ୟ ପ୍ରଭୁପ୍ରସାଦ ସାହୁ
କ୍ଲାସ୍-୨, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର



# ମା' ଆସୁଛନ୍ତି...

ଧରାବତରଣ କରୁଛନ୍ତି ଜଗତଜନନୀ ମା'। ଆଜି ଠାରୁ ପୀଠରେ ଆରମ୍ଭ ହେଉଛି ଷଷ୍ଠୀପୂଜା। ମା'ଙ୍କ ଆବାହନ ପାଇଁ ଚଳଚଞ୍ଚଳ ହୋଇ ପଡ଼ିଛି ଗାଁ ଠୁ ସହର। ଗତ ଦୁଇ ବର୍ଷ ହେବ କରୋନା ମହାମାରୀ ପାଇଁ ଫିକା ପଡ଼ିଥିଲା ମା'ଙ୍କ ପୂଜା। ହେଲେ ଏଥର ବେଶ୍ ଜାକଜମକରେ ପାଳନ ହେବ ଦୁର୍ଗାପୂଜା।

ଶରତ ଋତୁର ଆଶ୍ୱିନ ମାସରେ ମା'ଙ୍କୁ ପୂଜା କରାଯାଉଥିବାରୁ ଏହାକୁ ଶାରଦୀୟ ପୂଜା ମଧ୍ୟ କୁହାଯାଏ। ମହିଷମର୍ଦ୍ଦିନୀ ମା'ଙ୍କ ଆଗମନ ଲାଗି ନଦୀପଠାରେ କାଶତଣ୍ଡୀ ଧଳା ଚାମର ମେଲାଇ ସ୍ୱାଗତ କରୁଛି। ରୁପା, ସୁନାର ତାରକସି କାରୁକାର୍ଯ୍ୟରେ ପୂଜା ମଣ୍ଡପରେ ଝଲସି ଉଠିଲେଣି ମାଆ। ଘଣ୍ଟଘଣ୍ଟା, ଶଙ୍ଖ, କାହାଳୀ ଓ ମହୁରାଳୀ ଶବ୍ଦରେ କମ୍ପି ଉଠିଲାଣି ପୂଜା ମଣ୍ଡପ। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ଆରାଧନା ପାଇଁ ସଜିଁଏ ଉତ୍ସବ ମୁଖର। ଶକ୍ତିପୀଠ ଓ ମଣ୍ଡପଗୁଡ଼ିକରେ ମା'ଙ୍କ ପୂଜା ବହୁ ଆଡ଼ମ୍ବର ସହକାରେ ପାଳନ ହେଲାଣି। ପୂଜାଛୁଟି ହୋଇଥିବାରୁ ପିଲାଏ ବୁଲାବୁଲି ସହ ମଜାମସ୍ତି କରିବାକୁ ଯୋଜନା କରିଲେଣି। ସେ ସମ୍ପର୍କରେ ସେମାନେ ଯାହା କୁହନ୍ତି...

## ବୁଲାବୁଲି ସହ ପାଠପଢ଼ାରେ ଧ୍ୟାନ ଦେବି



ପୂଜାରେ ମୋ ପାଇଁ ନୂଆ ଡ୍ରେସ ହୋଇଛି। ନୂଆ ଡ୍ରେସ୍ ପିନ୍ଧି ସପରିବାର ମା'ଙ୍କୁ ଦର୍ଶନ କରିବାକୁ ଯିବୁ। ଘରେ ପିଠାପଣା ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସମସ୍ତେ ପିଠା, କ୍ଷୀରି, ଖେଚୁଡ଼ି ପ୍ରସ୍ତୁତ କରି ମା'ଙ୍କୁ ଭୋଗ ଲଗେଇବୁ। ପରେ ପ୍ରସାଦ ଗ୍ରହଣ କରିବୁ। ଆଜି ଠାରୁ ଦଶମୀ ପର୍ଯ୍ୟନ୍ତ ପ୍ରତି ମଣ୍ଡପ ବୁଲି ମା'ଙ୍କ ମୃଣ୍ମୟ ମୂର୍ତ୍ତି ଦର୍ଶନ କରିବି। ମଣ୍ଡପ ପାଖରେ କେତେ ପ୍ରକାର ଖେଳନା ଦୋକାନ ପଡ଼ିଥିବ। ସେଠାରୁ ବେଲୁନ୍ ଆଉ କଣ୍ଢେଇ ବି କିଣିବି। ଛୁଟି ଅଛି ବୋଲି ବୁଲାବୁଲିରେ ଅଧିକ ସମୟ ଖର୍ଚ୍ଚ ନ କରି ପାଠପଢ଼ାରେ ମଧ୍ୟ ଧ୍ୟାନ ଦେବି।

**-ଶୁଭସ୍ମିତା ପାତ୍ର,** କ୍ଲାସ୍-୧୦, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୁରୀ

## ଛୁଟିରେ ଆଈ ଘରକୁ ଆସିଛି



ଦୁଇ ବର୍ଷ ପରେ କରୋନା କଟକଣା ଉଠିସାରିଛି। ପୂର୍ବଥର ଭଳି କଟକଣା ନ ଥିଲେ ବି ମାସ୍କ ପିନ୍ଧି ବେଶି ଗହଳି ସ୍ଥାନକୁ ନ ଯାଇ ପୂଜା ପାଳନ କରିବି। ଦୁର୍ଗାପୂଜା ପାଇଁ ଆଜି ଠାରୁ ସ୍କୁଲ୍ ଛୁଟି। ସେଥିପାଇଁ ଛୁଟି ବିତାଇବା ପାଇଁ ଆଈ ଘରକୁ ଚାଲି ଆସିଛି। ଏଠି ମାମୁଁଙ୍କ ସହ ପ୍ରତି ଛକ ବୁଲି ଦୁର୍ଗାମେଢ଼ ଓ ତୋରଣ ଦେଖିବି। ମାମୁଁଙ୍କ ପୁଅଝିଅ ସହ ବୁଲି ଗୁପଚୁପ୍, ଚାଟ୍, ଦହିବରା, ଅଳୁଦମ୍ ଖାଇବି। ଆଈ ଘରେ ମଧ୍ୟ ଆଜି ଷଷ୍ଠୀ ପୂଜା ପାଳନ ହେବ। ମାଈଁ ଭଳିକି ଭଳି ଆରିଷା, କାକରା ସୁସ୍ୱାଦୁ ପିଠା ଓ କ୍ଷୀରି ତିଆରି କରିବେ। ସମସ୍ତଙ୍କ ସହ ମିଶି ପୂଜାରେ ମଜା ଉଠାଇବି।

**-ଧରିତ୍ରୀ ନାଥ,** କ୍ଲାସ୍-୫, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଯାଜପୁର



## ପରିବାର ସହ କଟକ ବୁଲିବାକୁ ଯିବି



ଦଶହରା ପର୍ବକୁ ମୁଁ ସବୁଠାରୁ ମନଭରି ଉପଭୋଗ କରେ। ପୂଜା ପାଇଁ ପ୍ରତି ଘରେ ଘରେ ଭଳିକି ଭଳି ପିଠାପଣାର ବାସ୍ନାରେ ମହକିଲାଣି। ସ୍କୁଲ୍ ହୋମୱର୍କ ଆଗୁଆ ଶେଷ କରିଦେବି। ନୂଆ ଡ୍ରେସ୍ ଆଉ ଜୋତା ପିନ୍ଧି ଏଥର କଟକ ବୁଲିବାକୁ ଯିବି। କାରଣ କଟକ ଦୁର୍ଗାପୂଜାର ମଜା କିଛି ଅଲଗା। କଟକରେ ସବୁ ପୂଜା ମଣ୍ଡପ ଓ ଶକ୍ତିପୀଠ ବୁଲି ଦେଖିବି। କଟକର ଚାନ୍ଦିମେଢ଼ର କାରୁକାର୍ଯ୍ୟ ମୋତେ ଭାରି ଭଲଲାଗେ। ଦୁର୍ଗାମେଢ଼ ସହ ରାବଣ ପୋଡ଼ି ଦେଖିବାର ମଜା ନିଆରା। ଏଥିପାଇଁ କଟକ ଦୁର୍ଗାପୂଜା ପ୍ରସିଦ୍ଧ। ଭସାଣି ଯାଏଁ ରହି ମା'ଙ୍କୁ ମେଲାଣି ଦେଇ ଘରକୁ ଫେରିବି।

**-ବିଶ୍ୱଜିତ୍ ନାଥ,** କ୍ଲାସ୍-୧୦, ଏମ୍ ଏଲ୍ ଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ

## ପୁରୀରେ ଗୋସାଣୀ ପୂଜା ଦେଖିବି



ସପରିବାର ପୁରୀ ବୁଲିବାକୁ ଯିବୁ। ମୋତେ ପୁରୀର ଗୋସାଣୀପୂଜା ନିଆରା ଲାଗେ। ବିଭିନ୍ନ ସାହି ଓ ଜାଗା ଆଖଡ଼ାରେ ମୃଣ୍ମୟ ଦେବୀଙ୍କ ଗୋସାଣୀ ମୂର୍ତ୍ତି ପୂଜାର୍ଚ୍ଚନା ବୁଲି ଦେଖିବି। ଗୋସାଣୀଙ୍କ ସୁଉଚ୍ଚ ମୂର୍ତ୍ତି ଓ ତାଙ୍କର ଶୋଳ, ଜରି ଜମ୍ବୁରାରେ ସାଜସଜ୍ଜା ମୋତେ ଆଶ୍ଚର୍ଯ୍ୟ କରିଥାଏ। ପୁରୀରେ ଗୋସାଣୀ ମୂର୍ତ୍ତି ସହ ନାଗା ମେଢ଼,ସଂପାତ୍ତି ଚଡେଇ, ବୁଢାବୁଢ଼ୀ, ରାବଣ ଇତ୍ୟାଦିଙ୍କ ମେଢ଼ ମଧ୍ୟ ବୁଲି ଦେଖିବି। ପୂଜା ପାଇଁ ପରିବାରର ବଡ଼ ସଦସ୍ୟମାନେ ମୋତେ ହାତଖର୍ଚ୍ଚ ଦେଇଥାନ୍ତି। ସେହି ଟଙ୍କାରେ ଚଟ୍‌ପଟି ଖାଇବା ସହ କିଣାକିଣି ମଧ୍ୟ କରିବି।

**-କ୍ଷୀରାବ୍ଧୀ ତନୟା ନାୟକ,** କ୍ଲାସ୍-୮,ବାଲେଶ୍ୱର

## ମେଲୋଡ଼ିରେ ନାଚିବି



ପୂଜା ପାଇଁ ଆମ ଗାଁରେ ଆଜି ଠାରୁ ମେଲୋଡ଼ି କାର୍ଯ୍ୟକ୍ରମ ହେବ। ସମସ୍ତେ ନାଚି ଗାଇ ଧୁମ୍‌ଧାମରେ ଦୁର୍ଗାପୂଜା ପାଳନ କରିବୁ। ବେଶୀ ଭିଡ଼ ନ କରି ଶାନ୍ତିଶୃଙ୍ଖଳାରେ ମେଲୋଡ଼ି କାର୍ଯ୍ୟକ୍ରମ କରିବୁ। ଆମେ ସବୁ ସାଙ୍ଗ ମିଶି ମା'ଙ୍କର ତୋରଣ ସାଜସଜ୍ଜା କରିଛୁ। ଶଙ୍ଖ, ହୁଳହୁଳି ପକାଇ ମା'ଙ୍କର ପୂଜାର୍ଚ୍ଚନର କରିବୁ। ପ୍ରତ୍ୟେକ ଘରୁ ଫୁଲ ଓ ଭୋଗ ଆଣି ନନାଙ୍କୁ ଦେବୁ। ଅଷ୍ଟମୀ ଦିନ ଠାରୁ ଆମ ଗାଁ ପୋଖରୀରୁ କଇଁ ଓ ପଦ୍ମ ତୋଳି ମା'ଙ୍କୁ ପୂଜା କରିବି।

**-ଶୁଭମ କୁମାର ନାୟକ,** କ୍ଲାସ୍-୮,ବଉଳଗଡ଼ିଆ ନୋଡ଼ାଲ ୟୁପି ସ୍କୁଲ, ନୀଳଗିରି



୧




୨



୩





୪



୧୦



୫



୬




୭



୮



୯



୧୧

୧



ସୁବ୍ରାଚି ପତି
କ୍ଲାସ- ୩, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର

୨

ଆୟୁଷ୍ମାନ ମହାନ୍ତି
କ୍ଲାସ- ୪, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର



୩




ଅନିଶା ସାହୁ
କ୍ଲାସ- ୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖମାର, ଅନୁଗୋଳ

୪

ଦୀକ୍ଷା ଦେବାଂଶୀ
କ୍ଲାସ- ୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର



୫



ତ୍ରୀଶା ବେହେରା
କ୍ଲାସ- ୫, ଦିଲ୍ଲୀ ପବ୍ଲିକ ସ୍କୁଲ, ମିଆଁପୁର, ହାଇଦ୍ରାବାଦ

୬

ପ୍ରଭୁପ୍ରସାଦ ବେହେରା
କ୍ଲାସ-୪, ଡିଏଭି ପବ୍ଲିକ ସ୍କୁଲ, ଶିଶୁପାଳଗଡ, ଭୁବନେଶ୍ୱର



୭




ଖୁସବୁ ଜେନା
କ୍ଲାସ- ୨, ଡିଏଭି ପିଟିଏସଆର ପବ୍ଲିକ ସ୍କୁଲ, ଭଞ୍ଜନଗର, ଗଞ୍ଜାମ

୮

ସାଇଶ୍ୱାତୀ ବେହେରା
କ୍ଲାସ- ୬, ରବୀନ୍ଦ୍ର ବିଦ୍ୟାନିକେତନ, କେନ୍ଦୁଝର



୯



ପ୍ରାଚୀତା ପ୍ରିୟଦର୍ଶିନୀ
କ୍ଲାସ- ୬, ଜୟଦେବ ଇଣ୍ଟରନ୍ୟାଶନାଲ ସ୍କୁଲ, ପଟିଆ, ଭୁବନେଶ୍ୱର

୧୦

ମିଲୋନୀ ମହାନ୍ତି
କ୍ଲାସ- ୪, ମଦର୍ସ ପବ୍ଲିକ ସ୍କୁଲ, ୟୁନିଟ-୧, ଭୁବନେଶ୍ୱର



୧୧



ସତ୍ୟମ୍ ମହାରଣା
କ୍ଲାସ- ୭, ସରସ୍ୱତୀ ଶିଶୁ ମନ୍ଦିର, ସତ୍ୟବିହାର, ଭୁବନେଶ୍ୱର

## ଗିନିଜ ୱାର୍ଲ୍ଡ ରେକର୍ଡ



### ସର୍ବକନିଷ୍ଠ
# ଡ୍ରୋନ୍ ଫଟୋଗ୍ରାଫର୍

ପିଲାମାନେ ତୁମକୁ କ୍ୟାମେରାରେ ଫଟୋ ଉଠାଇବାକୁ ଭଲଲାଗେ ନା। ହେଲେ କେବେ ବିଭିନ୍ନ ପ୍ରାକୃତିକ ଦୃଶ୍ୟର ଫଟୋ ଉଠାଇଛ କି! ଜାଣିଛ, ଆମେରିକାର ୧୪ ବର୍ଷୀୟ ନାଥାନ ଲୁ ଏଭଳି ଫଟୋଗ୍ରାଫି କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ନାଥାନ ଏଭଳି ଫଟୋ ଶୁଟ୍ ପାଇଁ ଡ୍ରୋନ କ୍ୟାମେରା ବ୍ୟବହାର କରିଥାନ୍ତି। ମାତ୍ର ୧୧ବର୍ଷ ବୟସରେ ସେ ଡ୍ରୋନ୍ କ୍ୟାମେରା ବ୍ୟବହାର କରି ଆମେରିକାର କାଲିଫର୍ନିଆ ବିଚ୍‌ର ଫଟୋ ଉଠାଇଥିଲେ। ଏହି ଫଟୋଟି ସୋସିଆଲ ମିଡିଆରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେଥିପାଇଁ ତାଙ୍କୁ ବିଶ୍ୱର ସର୍ବକନିଷ୍ଠ ଡ୍ରୋନ୍ ପାଇଲଟ୍ ଏବଂ ଫଟୋଗ୍ରାଫର୍ ଆଖ୍ୟା ଦିଆଯାଇଛି।

# ଏଥରର

- ଗାନ୍ଧୀ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
- ତାଙ୍କ ବାପାଙ୍କ ନାମ ?
- ଗାନ୍ଧୀ କେତେ ବର୍ଷ ବୟସରେ ଇଂଲଣ୍ଡ ଯାତ୍ରା କରିଥିଲେ ?
- ଇଣ୍ଡିଆନ ଓପିନିଅନର ସମ୍ପାଦକ ?
- ହରତାଳର ଅର୍ଥ କ'ଣ ?

ଉ ତ ର

# ଗତଥରର

- କଙ୍ଗୋଡ
- କୃଷ୍ଣଚନ୍ଦ୍ର ଦେବ
- ୧୧ତମ
- ମହାନଦୀ
- ଉତ୍ତର ପ୍ରଦେଶ





# ଆସ ମା' ଦୁର୍ଗେ

ଆସ ମା' ଦୁର୍ଗେ ଦୁର୍ଗତିନାଶିନୀ
ଘେନ ଶାରଦୀୟ ପୂଜା
ତୁମ ପାଇଁ ମାତା ଏ ସାରା ମରତ
ହୋଇଛି ସୁନ୍ଦର ସଜା।
କାଶତଣ୍ଡୀ ଫୁଲେ ସଜାଇଛି ଆଜି
ଧରାକୁ ଧରଣୀ ମାତା
ତୁମ ଆଗମନେ ପବିତ୍ର ଏ ଧରା
ଆସ ହେ ଜଗତ ମାତା।
ତୁମରି ଆଶିଷେ ଦୂର ହେଉ ଯେତେ
ଅନ୍ୟାୟ ଅଧର୍ମ ହିଂସା
ସବୁରି ଜୀବନ ହେଉ ଶୁଭମୟ
ଉଡୁ ଧର୍ମ ଜୟ ଧ୍ୱଜା।
**–ଅର୍ଚ୍ଚନା କର**
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର

## କ ବି ତା

# ଆବାହନୀ

ତବ ଆଗମନ ବାରତା ପାଇଣ
ଆହ୍ଲାଦିତ ଏ ଭୁବନ,
ଚଉଦିଗେ ଖେଳେ ଖୁସିର ଜୁଆର
ପୁଲକିତ ତନୁ ମନ।
ଆସ ମା ଶାରଳା, କମଳା, ବିମଳା
ଦିଅ ତିଳେ ଦରଶନ,
ଧନ୍ୟ ହେଉ ଏଇ ଜୀବନ
ପାପ ହେଉ ବିମୋଚନ।
ସବୁ ତ ତୁମ୍ଭର, କି ଦେଇ ପୂଜିବୁ
ପ୍ରୀତି–ଭକ୍ତି–ସ୍ତୁତି ବିନା,
କରୁଛୁ ଅର୍ପଣ ଶରଧା ସୁମନ
ହରଷେ କରିବ ଘେନା।
**– ଅଶୋକ କୁମାର ବେହେରା**
ଲୋଇସିଂହା, ବଲାଙ୍ଗୀର
ମୋ: ୬୩୭୦୩୫୫୧୯୯

# ପାର୍ବଣର ଋତୁ ଆସିଛି

ପାର୍ବଣର ଋତୁ ଆସିଛି
ଟାଇଁ ଟାଇଁ ଖରା
ପଡୁଛି ଭୁଇଁରେ
କାଶତଣ୍ଡୀ ଫୁଲ ଝୁଲୁଛି।
ଗାଆଁ ମୁଣ୍ଡେ ମେଳି କୁଆଁରୀ କନିଆଁ
ଜହ୍ନି ଓଷା ପୂଜା ହେଉଛି।
ଗାଆଁଠୁ ସହର ସୁନ୍ଦର ଦିଶିବ
ଦଶହରା ପୂଜା ଆସୁଛି।
ମନ୍ଦାର, ଟଗର, ଶେଫାଳୀ, ମାଳତୀ
କଇଁ ବି ମୁରୁକି ହସୁଛି।
ଛଅ ଋତୁ ମଧ୍ୟେ ଶରତେ ନାମିତ
ପରବକୁ ସାଥେ ଆଣିଛି।
**–ଝରଣା ବାରିକ**
ସମଲ, ତାଳଚେର,
ଅନୁଗୋଳ

# ଶରତର ଆଗମନୀ

ପବିତ୍ର ପାର୍ବଣ ଦେବୀ ଆବାହନୀ
ଶରତର ଆଗମନେ
କାଶତଣ୍ଡୀ ପ୍ରାୟ ଧବଳ ଚାମରେ
ନଈପଠା ଉପବନେ।
ନୀଳ ଆକାଶରେ ମେଘମାଳାମାନ
ଧୀରେ ଅପସରି ଯାଇ
ଗାଁଆଠୁ ସହର ଉତ୍ସବମୁଖର
ହୋଇଉଠେ ମାଆ ପାଇଁ।
ହସୁଛି ମରତ ମହାମାୟୀ ବିଜେ
ଆଗମନି ବାର୍ତ୍ତା ନେଇ
ନଦ ନଦୀ ହ୍ରଦ କୃଶତନୁ ହୁଏ
ପ୍ରକୃତି ସ୍ୱଚ୍ଛ ହୁଅଇ।
ପୁଣି ସସାଗରା ଭୂ–ଜ୍ୟୋତ୍ସ୍ନା ପ୍ଲାବିତ
ମଣ୍ଡପେ ମାଆଙ୍କୁ ପାଇ
ସମଗ୍ର ଜଗତ ପୂଜାର୍ଚ୍ଚନା ଭରେ
ମଙ୍ଗଳ ମନାସୁ ଥାଇ।
**–ଅମରନାଥ ବାରିକ**
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫





# ଦଶହରା ଛୁଟି

ଦଶହରା ଛୁଟି ଆସିଗଲା ଭାଇ
ପୂରା ଦଶଦିନ ସ୍କୁଲ ନାହିଁ,
ଗାଁ ସହରରେ ଜାକଜମକରେ
ଦେବୀ ମେଢ଼ କେଡ଼େ ଭଲଲାଗଇ।
କରୋନାରେ ଗଲା ଦୁଇଟି ବରଷ
ଏଥର ଜମିବ ଦେବୀ ଯାତରା
ନୂଆ ନୂଆ ଜୋତା ପୋଷାକ ପିନ୍ଧିବା
ବୁଲିବାରେ ଗାଁ, ସହର ସାରା।
ଖିରି, ଖେଚୁଡ଼ି ଓ ଆରିସା, କାକେରା
ମଣ୍ଡା, ରସଗୋଲା, ଛୁଞ୍ଚିପତର
ଘରେଘରେ ବାସେ କେତେ ମନଲୋଭା
ଖାଇବା ତିଆରି କେତେ ପ୍ରକାର।
ଢୋଲ, ମହୁରୀ ଓ ତେଲିଙ୍ଗି ବାଇଦ
ଭେରୀ, ତୁରୀ, ଯୋଡ଼ି ନାଗେରା ବାଜେ
କାଶତଣ୍ଡୀ ଫୁଲ, କଇଁ, ପଦୁଁଅରେ
ଦୁର୍ଗା ମା' ଆହା କି ଶୋଭା ସାଜେ।
ଆହା କି ଉମଙ୍ଗ ଦଶହରା ଆମ
ପୂରା ଦୁନିଆରେ ପଡ଼ିଚି ହୁରି
ମା'ଗୋ' ସଂସାରେ ସୁଖ, ଶାନ୍ତି ଦିଅ
ମୁଣ୍ଡିଆ ମାରୁଚୁ ଚରଣେ ପଡ଼ି।
**–ଡ. ଆର୍ତ୍ତତ୍ରାଣ ମିଶ୍ର**
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୪୧୪୪୭୪୬୫୩

# କହିଲ ଦେଖି

ଛଅ ଜଣ ମଧ୍ୟେ ତୃତୀୟେ ଆସେ
ନିରିମଳ ସ୍ଥାନେ ସିଏ ତ ବସେ
ତା'ର ଆଗମନେ ଧରଣୀ ହସେ
ଧଳା ମେଘ ଖଣ୍ଡ ଆକାଶେ ଭାସେ
କାଶତଣ୍ଡୀ ଫୁଲ ପଠାରେ ଦିଶେ
କୁହ କିଏ ସିଏ ସଭିଙ୍କୁ ତୋଷେ।



ଉତ୍ତର – **ଶରତ**

ଶୁଣି ତା'ର ନାମ ପିଲାଙ୍କର ଖୁସି
ଛୁଟି ହେବ ବୋଲି କହୁଥାନ୍ତି ହସି
ନାନା କାର୍ଯ୍ୟମାନ ଅନୁକୂଳ ହୁଏ
ମଣ୍ଡପରେ ମେଢ଼ ଶୋଭାପାଉଥାଏ
ତା'ର ନାମଟିକୁ ଯିଏ କହିଦେବ
ଦୁର୍ଗା ମାଆଙ୍କର ଆଶିଷ ଲଭିବ।



ଉତ୍ତର – **ଦଶହରା**

ବାଜା ବାଜଇ ମେଢ଼ ହୁଅଇ
ଏମିତି ଗୋଟିଏ ସ୍ଥାନ
ଦୁର୍ଗା ମାଆଙ୍କୁ ପୂଜନ୍ତି ସବୁ
ଆଶ୍ୱିନ ଦଶମୀ ଦିନ।



ଉତ୍ତର – **ଦୁର୍ଗା ମଣ୍ଡପ**

ଭାରି ବଳଶାଳୀ ଅସୁର
ଜିତି ଥିଲା ସିଏ ତ୍ରିପୁର
ମଇଁଷି ତାହାର ବାହନ
ଦୁର୍ଗା ମା'ଙ୍କୁ ଦେଲା ଆହ୍ୱାନ
ମାଆ ଶେଷେ ତାକୁ ମାରିଲେ
ଜଗତ ଉଦ୍ଧାର କରିଲେ।




ଉତ୍ତର– **ମହିଷାସୁର**

**–ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡା, ନୟାଗଡ଼
ମୋ: ୮୨୭୦୩୭୨୪୯୮

# ଜଣା ଅଜଣା

### ଶାକାହାରୀ ପ୍ରାଣୀ ଗରିଲା

**ଗ**ରିଲା ନିଜ ଖାଦ୍ୟରେ ଫଳ ଓ ପନିପରିବାକୁ ଖାଇ ପେଟ ଭରିଥାଏ, ଯାହାକୁ ଆମେ ଶାକାହାରୀ କହିପାରିବା। ଏମାନେ ପାଣି କମ୍ ପିଇଥାନ୍ତି। ଖାଦ୍ୟରେ ଖାଉଥିବା ବେଶୀ ଫଳ ଏବଂ ପନିପରିବାରେ ଜଳୀୟ ଅଂଶ ଥିବାରୁ ତାଙ୍କୁ ପ୍ରାୟତଃ ଶୋଷ ଲାଗେନି।





### ବେଙ୍ଗ ଶରୀରର ତାପମାତ୍ରା କମାଇ ଓ ବଢ଼ାଇପାରେ

**ଆ**ପଣ ଜାଣି ଆଶ୍ଚର୍ଯ୍ୟ ହେବେ, ବେଙ୍ଗ ଏମିତି ଏକ ଜୀବ ଯିଏକି ପରିବେଶର ବାତାବରଣ ଅନୁସାରେ ନିଜ ଶରୀରର ତାପମାତ୍ରା ବଢ଼ାଇ ଏବଂ କମାଇପାରେ। ଖରାଦିନରେ ଏମାନେ ବାହାରେ ରହୁଥିବା ବେଳେ ଶୀତଦିନରେ ମାଟି ଭିତରେ ରୁହନ୍ତି।

### ବେଶି ଉଚ୍ଚତାରେ ଉଡ଼ିପାରେନି କୁକୁଡ଼ା

**କୁ**କୁଡ଼ା ଯଦିଓ ପକ୍ଷୀ ଶ୍ରେଣୀରେ ଅନ୍ତର୍ଭୁକ୍ତ, କିନ୍ତୁ ଏମାନେ ବେଶି ଉଚ୍ଚତାରେ ଉଡ଼ିପାରନ୍ତି ନାହିଁ। କୁକୁଡ଼ା ସୂର୍ଯ୍ୟ କିରଣ ସହାୟତାରେ ନିଜ ରାସ୍ତାର ସନ୍ଧାନ କରିପାରେ। ଏଥିପାଇଁ ଖାଦ୍ୟ ସଂଗ୍ରହ କରି ନିଜ ଘରକୁ ଖୋଜି ପାଇବାରେ ତାଙ୍କୁ କୌଣସି ଅସୁବିଧା ହୁଏ ନାହିଁ।



ଆସ ଜାଣିବା

# ଗାନ୍ଧୀ ଓ ଶାସ୍ତ୍ରୀ

**ଭାରତ ମାଟିରେ ଅକ୍ଟୋବର ୨ ତାରିଖରେ ଜନ୍ମ ନେଇଥିଲେ ଦୁଇ ମହାନ୍ ବ୍ୟକ୍ତିତ୍ୱ। ଏଇ ଦୁଇ ମହାପୁରୁଷ ହେଉଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀ ଲାଲ୍ ବାହାଦୁର ଶାସ୍ତ୍ରୀ। ସେମାନଙ୍କ ଜୀବନର କିଛି ଘଟଣାରୁ ପିଲାମାନେ ନିଶ୍ଚିତଭାବେ ଦିଗ୍‌ଦର୍ଶନ ପାଇପାରିବେ।**



### ଅନୁଶାସନ ପ୍ରିୟ ଗାନ୍ଧିଜୀ..

**ବା**ପୁ ଅନୁଶାସନକୁ ବହୁତ କଡ଼ାକଡ଼ି ଭାବରେ ପାଳୁଥିଲେ। ସେ ଯାହା ବି ନିୟମ ତିଆରି କରୁଥିଲେ ବହୁତ ଭାବିଚିନ୍ତି କରୁଥିଲେ ଓ ନିଜେ ମଧ ସେହି ନିୟମ ପାଳୁଥିଲେ। ଭୋଜନଶାଳାରେ ପହଞ୍ଚିବା ପାଇଁ ଦୁଇ ଥର ଘଣ୍ଟି ବାଜୁଥିଲା ଏହା ତାଙ୍କ ଆଶ୍ରମର ନିୟମ ଥିଲା। ନିୟମାନୁସାରେ ଦ୍ୱିତୀୟ ଘଣ୍ଟି ବାଜିବା ମାତ୍ରେ ରୋଷେଇ ଘରର କବାଟ ତୁରନ୍ତ ବନ୍ଦ କରି ଦିଆଯାଉଥିଲା। ଯାହାଫଳରେ ଡେରିରେ ଆସୁଥିବା ଲୋକ ଭିତରକୁ ପଶିପାରିବେ ନାହିଁ। ସମସ୍ତଙ୍କ ପାଇଁ ନିୟମ ସମାନ ଥିଲା। ଦିନେ ଗାନ୍ଧିଜୀ ନିଜେ ଡେରିରେ ରୋଷେଇଶାଳାକୁ ଆସିଲେ।

ବାପୁ କାହା ସହିତ ଗପୁ ଗପୁ ଆସି ଯେତେବେଳେ କବାଟ ପାଖରେ ପହଞ୍ଚିଲେ, ସେତେବେଳେ ସେହି ଆଶ୍ରମବାସୀ କବାଟକୁ ବନ୍ଦ କରିଦେଲେ। କବାଟ ବନ୍ଦ ହୋଇଯିବା ଦେଖି ବାପୁ ଅନୁଶାସିତ ଆଶ୍ରମବାସୀ ପରି କବାଟ ବାହାରେ ଛିଡା ହୋଇଗଲେ। ସେ ବହୁତ ପ୍ରସନ୍ନ ଥିଲେ କି ଭୋଜନଶାଳାରେ ନିୟମର ପାଳନ ବହୁତ କଡ଼ାକଡ଼ି ଭାବରେ ହେଉଛି। ଠିକ୍ ସେତିକି ବେଳେ ସେଠାରେ ହରି ଭାଇ ଉପାଧ୍ୟାୟ ମଧ୍ୟ ଆସି ପହଞ୍ଚିଲେ। ସେ ବାପୁଙ୍କୁ କବାଟ ବାହାରେ ଛିଡ଼ା ହୋଇଥିବାର ଦେଖି କହିଲେ, "ଆଜି ତ ଆପଣ ସ୍ୱୟଂ ଡେରିରେ ଆସିଥିବାରୁ କାଠଗଡ଼ା ଭିତରେ ଛିଡ଼ା ହୋଇଛନ୍ତି, ରୁହନ୍ତୁ, ଆପଣ କେତେ ସମୟ ଏମିତି ଛିଡ଼ା ହୋଇ ରହିବେ। ମୁଁ ଆପଣଙ୍କ ବସିବା ପାଇଁ ଚୌକିଟିଏ ନେଇ ଆସୁଛି" କହି ସେ ସେଠାରୁ ଯିବାକୁ ଉଦ୍ୟତ ହେଲେ। କିନ୍ତୁ ବାପୁ ତାଙ୍କ ହାତକୁ ଧରି ପକେଇ ଅଟକେଇଦେଲେ ଆଉ କହିଲେ, "ହରି ଭାଇ! ଭୁଲ ତ ମୁଁ କରିଛି ଆଉ ସେହି ଭୁଲକୁ ସୁଧାରିବା ପାଇଁ ମୋର ପୂରା ଦଣ୍ଡ ଭୋଗିବା ଦରକାର।" ଜୀବନରେ ପ୍ରକୃତ ଆନନ୍ଦ ପାଇବାକୁ ହେଲେ ନିଜ ଭୁଲ୍ ପାଇଁ ମିଳୁଥିବା ଦଣ୍ଡକୁ ହସି ହସି ଭୋଗିବା ଆବଶ୍ୟକ।

### ଶାସ୍ତ୍ରୀଙ୍କୁ ପିଲାଦିନର ଶିକ୍ଷା..

**ଭା**ରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ। ତାଙ୍କ ପିତା ଶାରଦା ପ୍ରସାଦ ଥିଲେ ଜଣେ ଅଧ୍ୟାପକ। ଯେତେବେଳେ ଶାସ୍ତ୍ରିଜୀଙ୍କୁ ଦେଢ଼ ବର୍ଷ ହୋଇଥିଲା ସେତେବେଳେ ତାଙ୍କ ବାପା ମୃତ୍ୟୁବରଣ କରିଥିଲେ। ବାପ ଛେଉଣ୍ଡ ପିଲାଙ୍କୁ ଧରି ମା' ରାମଦୁଲାରୀ ଦେବୀ ଚାଲି ଆସିଲେ ନିଜ ବାପଘରକୁ। ପାଠପଢ଼ା ପାଇଁ ଅନ୍ୟ ଗାଁରେ ଥିବା ସ୍କୁଲ୍‌ରେ ତାଙ୍କର ନାଁ ଲେଖାହେଲା। ଶାସ୍ତ୍ରିଜୀ ସାଙ୍ଗମାନଙ୍କ ସହ ସ୍କୁଲ ଯିବା ରାସ୍ତାରେ ଗୋଟିଏ ବଗିଚା ପଡୁଥିଲା। ସେହି ସମୟରେ ଶାସ୍ତ୍ରିଜୀଙ୍କ ବୟସ ପାଞ୍ଚ କି ଛଅ ବର୍ଷ ହୋଇଥିବ। ଦିନେ ବଗିଚାକୁ ଜଗୁଥିବା ମାଳୀ ସେଠାରେ ନ ଥିବା ଦେଖି ପିଲାମାନେ ବଗିଚା ଭିତରେ ପଶି ଫଳ ତୋଳିଲେ। ସେମାନଙ୍କ ପାଟିତୁଣ୍ଡ ଶୁଣି ମାଳୀ ବଗିଚା ଭିତରକୁ ପଶି ଆସିଲା। ମାଳୀକୁ ଦେଖି ପିଲାମାନେ ପାଚେରି ଡେଇଁ ବାହାରିଗଲେ। କିନ୍ତୁ ରହିଗଲେ ଅବୋଧ ଶାସ୍ତ୍ରିଜୀ। ତାଙ୍କ ହାତରେ ଗୋଟିଏ ଗୋଲାପ ଫୁଲ ଥିଲା, ଯାହାକୁ ସେ ସେହି ବଗିଚାରୁ ତୋଳିଥିଲେ।

ମାଳୀଟି ବଗିଚାର ଅବସ୍ଥାକୁ ଦେଖି ରାଗରେ ଶାସ୍ତ୍ରିଜୀଙ୍କୁ ଜୋର୍‌ରେ ଚଟକଣାଟିଏ ମାରିଲା। କୁନି ଶାସ୍ତ୍ରିଜୀ ସେତେବେଳେ କାନ୍ଦି ପକେଇଲେ। ଯନ୍ତ୍ରଣାରେ ଆଉ ନିରୀହ ଆଖିରେ ମାଳୀକୁ ଚାହିଁ କହିଲେ, ତମେ କ'ଣ ଜାଣିନ ମୋ ବାପା ମରିଯାଇଛନ୍ତି ବୋଲି ତଥାପି ତୁମେ ମୋତେ ମାରୁଛ। ସେ ସେଇଠି ଛିଡ଼ା ହୋଇ କଇଁ କଇଁ ହୋଇ କାନ୍ଦୁଥିଲେ। ମାଳୀ ଦେଖିଲା ଛୋଟ ପିଲାଟି ସେଇଠି ଛିଡ଼ା ହୋଇଛି ନିର୍ବିକାର ଭାବରେ ଆଉ ଆଖିରେ ତା'ର ଡରର ଲେଶ ମାତ୍ର ଚିହ୍ନ ନାହିଁ। ତେଣୁ ସେ ତାଙ୍କୁ କୋଳେଇ ନେଇ ସେଦିନ ଯାହା କହିଲା, ତାହା ଶାସ୍ତ୍ରିଜୀଙ୍କ ଲାଗି ମୂଲ୍ୟବାନ ଶିକ୍ଷା ହୋଇଗଲା ସାରା ଜୀବନ ପାଇଁ।

ମାଳୀଟି ତାଙ୍କୁ କହିଥିଲା, ତୁମର ବାପା ଯେତେବେଳେ ଜୀବିତ ନାହାନ୍ତି , ସେତେବେଳେ ତୁମର ଏମିତି ଭୁଲ୍ କରିବା ଉଚିତ ନୁହେଁ। ବରଂ ଆହୁରି ଅଧିକ ସତର୍କ ରହିବା ଉଚିତ । ତୁମକୁ ଭଦ୍ର, ସଭ୍ୟ, ସତ୍ୟନିଷ୍ଠ ହେବା ଦରକାର। ଲାଲ୍ ବାହାଦୁର ଶାସ୍ତ୍ରୀଙ୍କର ବାଳସୁଲଭ ମନରେ ସେଦିନ ଏହି କଥା ଘର କରିଗଲା କି ଯାହାର ମୁଣ୍ଡ ଉପରୁ ବାପାଙ୍କର ହାତ ଉଠି ଯାଇଥାଏ ତାଙ୍କୁ ସାବଧାନ ରହିବା ଦରକାର। ଜୀବନରେ କିଛି ପାଇବାକୁ ହେଲେ ନିଜକୁ ସେତିକି ଯୋଗ୍ୟ ବନେଇବା ଆବଶ୍ୟକ ଆଉ ବହୁତ ପରିଶ୍ରମ କରିବା ଜରୁରୀ । ତା'ହେଲେ ସଫଳତା ମିଳିପାରିବ।

**–ମନୋଜ କୁମାର ବେହେରା**
ୟୁନିଟ୍–୯, ବାୟାବାବା ମଠ ଲେନ,
ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

# ଆ ର ନା




ସଂସ୍କାରିକା ଶୁଭଦର୍ଶିନୀ
୧୧ ବର୍ଷ / ପୁରୀ



ଶ୍ରଦ୍ଧାଲକ୍ଷ୍ମୀ ବେହେରା
୧୧ ବର୍ଷ / ରାଜକନିକା